

# ସତ୍ୟବାକ୍ୟ

# THE WORD OF TRUTH

**JULY & AUGUST 2018**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-24. July & Aug 2018. No-4**

*Published every two months in **Oriya** language for the Restoration of the pure New Testament Christianity*

*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80. KAKINADA - 533 001.

ସତ୍ୟବାଣୀ
VOICE OF TRUTH
VOL - XXIV KAKINADA JUL-AUG-2018

# ପିଲାଳିଆ ରାଜା

## (Childish King)

୧ମ ରାଜାବଳୀର ପୁସ୍ତକ ୧୬:୨୮, ଆମ୍ଭମାନଙ୍କୁ ରାଜା ଆହାବଙ୍କୁ ପରିଚିତ କରାଏ । ସେ ଇସ୍ରାଏଲ୍ (କିଅବା ଉତ୍ତର ଦେଶ)ର ସପ୍ତମ ରାଜା ଥିଲେ । ତାହାଙ୍କ ପିତା ଅମ୍ରିଙ୍କ ମୃତ୍ୟୁ ପରେ, ସେ ରାଜ୍ୟତ୍ୱ ଗ୍ରହଣ କରିଥିଲେ ।

ସେ ଏକ ଧନସମ୍ପଦ ପ୍ରେମୀ ରାଜା । ତାହାଙ୍କ ସମ୍ଭ୍ରମ ଅନ୍ୟମାନଙ୍କ ନିକଟରେ ପ୍ରଦର୍ଶନ କରିବା, ତାହାଙ୍କ ସ୍ୱଭାବ ଥିଲା । ତାହାଙ୍କ ରାଜପ୍ରାସାଦ ହସ୍ତୀଦନ୍ତରେ ସୁଶୋଭିତ ଥିଲା ।

ରାଜା ଆହାବ ବିଜାତୀୟ ଦେବତା ବାଲ୍‌ର ଆରାଧନା କରୁଥିଲେ । ''ପୁଣି ଅମ୍ରିଙ୍କ ପୁତ୍ର ଆହାବ, ଆପଣା ପରବର୍ତ୍ତୀ ସମସ୍ତଙ୍କ ଅପେକ୍ଷା ସଦାପ୍ରଭୁଙ୍କ ଦୃଷ୍ଟିରେ ଅଧିକ କୁକର୍ମ କଲେ । (୧ମ ରା:ବ: ୧୬:୩୦) । ସେ ସୀଦୋନୀୟମାନଙ୍କ ଇତ୍‌ବାଲ ରାଜାର କନ୍ୟା ଇଷେବଲଙ୍କ ବିବାହ କରିଥିଲେ ।

### ପଡ଼ୋଶୀର ଦ୍ରାକ୍ଷାକ୍ଷେତ୍ର :

ସମ୍ଭ୍ରମମୟ ରାଜାଙ୍କ ଅଟ୍ଟାଳିକା ସନ୍ନିକଟରେ ଏକ ଦ୍ରାକ୍ଷାକ୍ଷେତ୍ର ଥିଲା । ''ଏଣୁ ଆବହ ନାବୋତଙ୍କୁ କହିଲେ, ମୋତେ ତୁମ୍ଭେ ଦ୍ରାକ୍ଷାକ୍ଷେତ୍ର ଦିଅ, ମୁଁ ତାହା ଦ୍ରାକ୍ଷାକ୍ଷେତ୍ର କରିବି, କାରଣ ତାହା ମୋ ଗୃହ ନିକଟରେ ଅଛି, ଆଉ ମୁଁ ତହିଁ ବଦଳେ

ତୁମ୍ଭଙ୍କୁ ତହିଁରୁ ଉତ୍ତମ ଦ୍ରାକ୍ଷାକ୍ଷେତ୍ର ଦେବି, ଅବା ତୁମ୍ଭଙ୍କୁ ଭଲ ଦିଶିଲେ, ମୁଁ ରୂପାମୁଦ୍ରାରେ ତହିଁର ମୂଲ୍ୟ ତୁମ୍ଭକୁ ଦେବି ।'' (୧ମ ରା:ବ: ୨୧:୨) । କିନ୍ତୁ ସେହି ଦ୍ରାକ୍ଷାକ୍ଷେତ୍ର ରାଜାଙ୍କୁ ବିକ୍ରୟ କରିବାକୁ ନାବୋତ ଇଚ୍ଛା କଲେ ନାହିଁ, କାରଣ ତାହା ନାବୋତଙ୍କ ପୈତୃକ ଅଧିକାର ଥିଲା । ତାହାଙ୍କ ଏକମାତ୍ର ସମ୍ପତ୍ତିକୁ ସେ ବିକ୍ରୟ କରିବାକୁ ସମ୍ମତ ନୋହିଲେ ।

ନାବୋତଙ୍କ ଅସମ୍ମତାରେ ଆହବ ଏକ ଛୋଟ ବାଳକ ସଦୃଶ୍ୟ ମୁଖ ଫେରାଇ ଶଯ୍ୟାରେ ପଡ଼ି ଭୋଜନ କରିବାକୁ ଅସମ୍ମତ ହେଲେ । (୨୧:୪)

ଦୁଷ୍ଟ ରାଣୀ ଇଷେବଲ, ନାବୋତଙ୍କୁ ମିଥ୍ୟା ସାକ୍ଷୀ ଦ୍ୱାରା ଈଶ୍ୱର ଓ ରାଜାଙ୍କୁ ନିନ୍ଦା କରିବା ପ୍ରମାଣିତ କରି ଦୋଷୀ ସାବିତ କଲେ ଏବଂ ନଗରବାସୀ ପ୍ରାଚୀନ ଓ ପ୍ରଧାନବର୍ଗଙ୍କୁ ତାହାଙ୍କୁ ପ୍ରସ୍ତରାଘାତରେ ବଧ କଲେ । (୨୧:୧୩)

## ଅମଙ୍ଗଳ ଦିନର ଚେତାବନୀ :

ଅନ୍ୟାୟରେ ପ୍ରାପ୍ତି ଦ୍ରାକ୍ଷାକ୍ଷେତ୍ର ଉପଭୋଗ କରିବା ନିମନ୍ତେ ସେ ଜୀବିତ ନୋହିବେ ବୋଲି ସଦାପ୍ରଭୁ ଏଲିୟଙ୍କ ଦ୍ୱାରା ଆହାବଙ୍କୁ ଚେତାବନୀ ଦେଇଥିଲେ । ''....ଯେଉଁ ସ୍ଥାନରେ କୁକୁରମାନେ ନାବୋତର ରକ୍ତ ମଧ୍ୟ ଚାଟିବେ ।'' ବୋଲି ଭାବବାଦୀ ରାଜା ଜଣାଇବାରେ ତାହାଙ୍କ ମୁଖର ବିଷର୍ଣ୍ଣତା କଳ୍ପନା କରି ଦେଖନ୍ତୁ ।

ଏହି ଭାବବାଣୀର ସଫଳତା ଆମେ ୨୨ ଅଧ୍ୟାୟ ୩୫ ଓ ୩୮ ପଦରେ ପଢ଼ିପାରୁ । ସେ ଆରାମୀୟମାନଙ୍କ ସହ ଯୁଦ୍ଧରେ ହତ ହେଲେ ଓ ଶମରୀୟାର ପୁଷ୍କରିଣୀରେ ତାହାଙ୍କ ରକ୍ତ କୁକୁରମାନେ ଚାଟିଲେ ।

ଏହିପରି ଭାବେ ରାଜା ଆହବଙ୍କ ଜୀବନ ସମାପ୍ତ ହେଲା । ସେ ଏକ ପ୍ରଭାବଶାଳୀ ଯୋଦ୍ଧା ଥିଲେ । ସେ ଇଶ୍ରାଏଲ ଦେଶର ଅନେକ ଅଭିବୃଦ୍ଧି କରି ପାରିଥାନ୍ତେ । କିନ୍ତୁ ତାହାଙ୍କ ଦୁଷ୍ଟ ଓ ବିଜାତୀୟ ସ୍ତ୍ରୀଙ୍କ ପ୍ରଭାବିତ ହୋଇ ସେ ଦୁଷ୍କ୍ରିୟା କଲେ ଓ ସଦାପ୍ରଭୁଙ୍କ କ୍ରୋଧର ପାତ୍ର ହେଲେ ।

## ଆହବଙ୍କ ଜୀବନୀରୁ ଆମ୍ଭମାନଙ୍କ ନିମନ୍ତେ ଶିକ୍ଷା:

ପୁରାତନ ନିୟମରେ ଲିଖିତ ଦୃଷ୍ଟାନ୍ତମାନଙ୍କ ଆମ୍ଭମାନଙ୍କ ଶିକ୍ଷା ନିମନ୍ତେ ଲିଖିତ ହୋଇଅଛି । ଏହି ଦୁର୍ବଳ ରାଜାଙ୍କ ଜୀବନ, ଆମ୍ଭମାନଙ୍କ ଆତ୍ମିକ ଜୀବନ ନିମନ୍ତେ ଅନେକ ଶିକ୍ଷା ଦିଏ ।

୧) **ସଦାପ୍ରଭୁଙ୍କ ଆଜ୍ଞାବହ ହେଉ :** ବିଜାତୀୟ ସ୍ତ୍ରୀ ବିବାହ ନ କରିବା ନିମନ୍ତେ ସଦାପ୍ରଭୁ ଇସ୍ରାଏଲୀୟ ମାନଙ୍କୁ ସ୍ପଷ୍ଟ ଭାବେ ଆଜ୍ଞା ଦେଇଥିଲେ । ଆହବ, ବିଜାତୀୟ ସ୍ତ୍ରୀ ଗ୍ରହଣ କରି ସଦାପ୍ରଭୁଙ୍କ ଆଜ୍ଞା ଲଂଘନ କରି, ତାହାଙ୍କ ଠାରୁ ଦୂରେଇ ଯାଇଥିଲେ ।

୨) **ଆମ୍ଭେମାନେ ଦାୟିତ୍ୱ ଗ୍ରହଣ କରି ଜ୍ଞାନୀ ରୂପେ ଆଚରଣ କରୁ :** ରାଜା ଆହବ କାନ୍ଥ ଆଡ଼େ ମୁହଁ କରି ଛୋଟ ବାଳକ ସଦୃଶ୍ୟ ବ୍ୟବହାର କରିବା ଦ୍ୱାରା କିଛି ମାତ୍ର ଲାଭ ନୋହିଲା । ତାହାଙ୍କ ଏହି ବ୍ୟବହର ଦ୍ୱାରା, ତାହାଙ୍କ ଦୁଷ୍ଟ ଭାର୍ଯ୍ୟା ନାବୋତଙ୍କୁ ପ୍ରବଞ୍ଚନାରେ ଦ୍ରାକ୍ଷାକ୍ଷେତ୍ର ନିମନ୍ତେ ତାହାଙ୍କୁ ହତ୍ୟା କଲା । ଆହବ ପରୋକ୍ଷଭାବେ ଦୋଷୀ ହେଲେ ।

ଅନ୍ୟକୁ ପ୍ରତାରଣା କରିବାରେ ଆମ୍ଭମାନଙ୍କ ଜୀବନ ସୁଖୀ ହୁଏ ନାହିଁ । ଯେଉଁମାନେ ପରିଶ୍ରମ କରି ଅର୍ଜ୍ଜନ କରନ୍ତି, ସେମାନେ ସମସ୍ତଙ୍କ ଠାରୁ ସୁଖୀ । ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି, ''ବଚସା ଓ ତର୍କବିତର୍କ ବିନା ସମସ୍ତ କାର୍ଯ୍ୟ କର ।'' (୨:୧୪)

୩) **ଲୋଭ ନ କରୁ :** ଆହବଙ୍କୁ ପ୍ରାଚୁର୍ଯ୍ୟଭାବେ ଧନସମ୍ପଦ ଥିଲା । ତଥାପି ସେ ଆପଣା ପ୍ରତିବାସୀର ଦ୍ରାକ୍ଷାକ୍ଷେତ୍ର ଆଶା କଲେ ଓ ପାପର ଉପତ୍ୟକାରେ ଖସିଗଲେ । ତାହାଙ୍କ ଲୋଭ, ତାହାଙ୍କ ପତନର କାରଣ ହେଲା ।

**- Betty Tucker**

❋❋❋

# ସ୍ୱର୍ଗ

## (Heaven)

ଅବ୍ରାହମ ଓ ସାରା ବିଶ୍ୱାସରେ ପ୍ରାଣତ୍ୟାଗ କଲେ, ସେମାନେ ପ୍ରତିଜ୍ଞାତ ଫଳ ପ୍ରାପ୍ତ ହେଲେ ନାହିଁ, ମାତ୍ର ଦୂରରୁ ତାହା ଦେଖି ଅଭିନନ୍ଦନ କଲେ । (ଏବ୍ରୀ ୧୧:୮-୧୬) । ବିଚାରଦିନରେ ଯୀଶୁଖ୍ରୀଷ୍ଟ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ କହିବେ, "...ମୋହର ପିତାଙ୍କ ଆଶୀର୍ବାଦ ପ୍ରାପ୍ତମାନେ, ତୁମ୍ଭମାନଙ୍କ ନିମନ୍ତେ ଜଗତର ପତ୍ତନାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି, ସେଥିରେ ଅଧିକାରୀ ହୁଅ ।" (ମାଥିଉ ୨୫:୩୪) । କେତେ ସନ୍ତୋଷଦାୟକ ଆଶ୍ୱାସନା । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ବିଷୟକ ତାହାଙ୍କ ସଂକଳ୍ପ ବିଷୟରେ, ଯୀଶୁ କହିବେ, "...ବେଶ୍, ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ ।" (ମାଥିଉ ୨୫:୨୧) । ଧାର୍ମିକର ଶେଷ ପ୍ରତିଫଳ ବିଷୟରେ ଅନେକ ଥର, ଯୀଶୁଖ୍ରୀଷ୍ଟ ଓ ପ୍ରେରିତଗଣ କହିଅଛନ୍ତି । ଯାହା ଆମ୍ଭେମାନେ ପବିତ୍ର ବାଇବଲରେ ପଢ଼ିପାରୁ । ଅଧାର୍ମିକମାନେ ଅବିଶ୍ୱାସୀମାନେ ନିତ୍ୟ ଯନ୍ତ୍ରଣାର ସ୍ଥାନ ଓ ଧାର୍ମିକମାନେ ନିତ୍ୟ ଆନନ୍ଦମୟ ସ୍ଥାନକୁ ଘେନାଯିବେ । ଧାର୍ମିକମାନେ ସେହି ଆନନ୍ଦମୟ ସ୍ଥାନରେ ପିତା ପରମେଶ୍ୱର ଓ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସହ ସଦାକାଳ ବାସ କରିବେ ।

ଗ୍ରୀକ୍ ପଦ Ouranos ରୁ ଇଂରାଜୀ ପଦ Heaven (ସ୍ୱର୍ଗ) ଅନୁବାଦିତ କରାଯାଏ । ଏହି ପଦ, Shamayim ବୋଲି ଏବ୍ରୀ ସମଭାବ ପଦ । ଯାହାର ଅର୍ଥ "ଉର୍ଦ୍ଧ୍ୱସ୍ଥ ସ୍ଥାନ" କିଅବା "ସର୍ବପରିସ୍ଥ ନିବାସ" । ଏହି ପଦରୁ ସ୍ୱର୍ଗର ପ୍ରକୃତ ଅର୍ଥ ବୁଝି ନ ପାରୁ । କିନ୍ତୁ ନୂତନ ନିୟମରୁ ସୁନ୍ଦର ସ୍ୱର୍ଗୀୟ ବିଷୟରେ ଅନେକ ବିଷୟ ଜାଣିପାରୁ । ସେଠାରେ ଆମ୍ଭମାନଙ୍କ ଧନ ସଞ୍ଚୟ କରୁ । "ବିଶ୍ୱାସର ଉତ୍ତମ ଯୁଦ୍ଧ"ରେ ପ୍ରାଣପଣ କରି, ସେଠାରେ ପ୍ରବେଶ କରୁ । (୧ମ ତୀମଥି ୬:୧୨)

ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ମନୁଷ୍ୟ, ମୃତ୍ୟୁପରେ କଅଣ ଘଟିବ ଜାଣିବାକୁ ଇଚ୍ଛୁକ । ଯୀଶୁଖ୍ରୀଷ୍ଟ ମୃତ୍ୟୁକୁ ଲୋପ କରି, ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ

ପିତା ପରମେଶ୍ବର ଆଲୋକରେ ପ୍ରକାଶ କରିଅଛନ୍ତି । (୨ ତୀମଥି ୧:୧୦) ତାହାଙ୍କ ସ୍ବର୍ଗୀୟ ନିବାସ ପରିତ୍ୟାଗ କରି ଯୀଶୁଖ୍ରୀଷ୍ଟ, ଶରୀରଧାରୀ ହୋଇ ଏହି ଅବନୀରେ ଅବତରଣ କରିଥିଲେ । (ଯୋହନ ୩:୧୩) । ସେ ମୃତ୍ୟୁ ଜୟ କରି ସ୍ବର୍ଗସ୍ଥ ପିତାଙ୍କ ନିକଟ ଆରୋହଣ କଲେ ଓ "....ସ୍ବର୍ଗରେ ମହାମହିମଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ବରେ ଉପବିଷ୍ଟ ହୋଇଅଛନ୍ତି । (ଏବ୍ରୀ ୮:୧) । "ସେହି ଯୀଶୁଖ୍ରୀଷ୍ଟ ସ୍ବର୍ଗାରୋହଣ କରି ଈଶ୍ବରଙ୍କ ଦକ୍ଷିଣ ପାର୍ଶ୍ବରେ ଉପବିଷ୍ଟ ଅଛନ୍ତି, ଆଉ ଦୂତମାନେ କ୍ଷମତାବାନ୍ ଓ ଶକ୍ତିଶାଳୀମାନେ ତାହାଙ୍କ ବଶୀଭୂତ ହୋଇଅଛନ୍ତି ।" (୧ମ ପିତର ୩:୨୨) । ଜଗତର ସୃଷ୍ଟି ପୂର୍ବେ ତାହାଙ୍କର ଯେଉଁ ମହିମା ଥିଲା, ସେହି ମହିମାରେ ପ୍ରବେଶ କରିଅଛନ୍ତି । (ଯୋହନ ୧୭:୫)

ମନୁଷ୍ୟର ସୀମିତ ଜ୍ଞାନ ଅସୀମିତ ବିଷୟଗୁଡ଼ିକ ବୁଝିପାରିବା ଅସମ୍ଭବ । ମନୁଷ୍ୟମାନଙ୍କ ଭାଷାରେ ସ୍ବର୍ଗୀୟ ଜୀବନ ଏକ ବିଶ୍ରାମ (ଏବ୍ରୀ ୩:୧୧,୧୮;୪:୧,୩,୮,୯) ସ୍ଥାନ । ପ୍ରକାଶିତ ବାକ୍ୟ ୧୪:୧୩ ପଦରେ କୁହାଯାଏ, ".....ଯେଉଁମାନେ ଏଣିକି ପ୍ରଭୁଙ୍କ ଠାରେ ଥାଇ ମରନ୍ତି, ସେମାନେ ଧନ୍ୟ, ହଁ, ଆତ୍ମା କହୁଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନେ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ ।" ବିଶ୍ରାମର ଅର୍ଥ ଅଳସ ଜୀବନ ନୁହେଁ, କିନ୍ତୁ ଜାଗତିକ ଜୀବନର ପରିଶ୍ରମର ମୁକ୍ତ ହୋଇ ଆନନ୍ଦରେ ସଦାପ୍ରଭୁଙ୍କ ସେବା କରିବା । "......ଏମାନେ ମହାକ୍ଲେଶରୁ ବାହାରି ଆସିଅଛନ୍ତି ଓ ମେଷଶାବକଙ୍କ ରକ୍ତରେ ଆପଣା ଆପଣା ବସ୍ତ୍ର ଧୋଇ ଶୁକ୍ଳବର୍ଣ୍ଣ କରିଅଛନ୍ତି ।" (ପ୍ର:ବା: ୭:୧୫)

"ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହାଶବ୍ଦ ଏହା କହିବାର ଶୁଣିଲି, ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ବରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ । ପୁଣି ଈଶ୍ବର ସ୍ବୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ, ମୃତ୍ୟୁ ଆଉ ଘଟିବା ନାହିଁ, ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବେ ନାହିଁ; କାରଣ ପୂର୍ବ ବିଷୟ ସବୁ ଲୋପ ପାଇଅଛି । (ପ୍ର:ବା: ୨୧:୩,୪) । ସେଠାରେ ସଦାପ୍ରଭୁ

ତାହାଙ୍କ ସନ୍ତାନମାନଙ୍କ ସହ ବାସ କରିବେ । ସେଠାରେ ଜାଗତିକ ଦୁଃଖକଷ୍ଟ କିଅବା କୌଣସି କ୍ଳେଶ ରହିବ ନାହିଁ । କିଅବା ପାପ ସେଠାରେ ପ୍ରବେଶ କରି ପାରିବ ନାହିଁ । (ପ୍ର:ବା: ୨୧:୨୭)

ପବିତ୍ର, ନୂତନ ଯିରୁଶାଲମର ଉଚ୍ଚ ପ୍ରାଚୀର ଧାର୍ମିକମାନଙ୍କ ନିମନ୍ତେ ରକ୍ଷଣା ଦୁର୍ଗ (ଏହି ନଗରୀର ସୌନ୍ଦର୍ଯ୍ୟ) ମନୁଷ୍ୟ କଳ୍ପନାତୀତ । (ପ୍ର:ବା: ୨୧:୧୦-୨୨:୫) । ଏହା ଏକ ସୁନ୍ଦର ଉଦ୍ୟାନ ତୁଲ୍ୟ, ଯେଉଁଠାରେ 'ଜୀବନବୃକ୍ଷ' ଥାଏ ଓ ତାହା ପ୍ରତିମାସରେ ଫଳ ଫଳେ । ସୃଷ୍ଟି ଆରମ୍ଭରେ ଏଦନ ଉଦ୍ୟାନରେ ପାପ ହେତୁ ମନୁଷ୍ୟର ପତନ ହୋଇଥିଲା । ସମୟ ସମାପ୍ତିରେ, ବିଜୟୀ ମେଷଶାବକଙ୍କ ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ସାନ୍ନିଧ୍ୟକୁ ପ୍ରବେଶ କରିବାକୁ ସୁଯୋଗ ପାଇଅଛି ।

ପରଦେଶ ପୁନଃ ପ୍ରତିଷ୍ଠିତ ହୋଇଅଛି । ଏହି ସୌନ୍ଦର୍ଯ୍ୟ ପ୍ରଦେଶ ବିଷୟରେ ଅନେକ ବିଷୟ ଜାଣିବାର ବାକି ଅଛି । ପ୍ରେରିତ ଯୋହନ ଲେଖନ୍ତି, ''ଦେଖ, ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହାହିଁ ଅଟୁ । ଏଥି ସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନୁ ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନ ଥିଲା । ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁଁ, ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆମ୍ଭେମାନେ ଜାଣୁ ଯେ, ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି, ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା । ଆଉ ଯେକେହି ତାହାଙ୍କ ଠାରେ ଏହି ଭରସା ସ୍ଥାପନ କରିଅଛି, ସେ ଯେପରି ପବିତ୍ର ଅଟନ୍ତି, ସେ ସେହିପରି ଆପଣାକୁ ପବିତ୍ର କରେ ।'' (୧ମ ଯୋହନ ୩:୧-୩)

- **Perry N. Hall**

❋❋❋

# ଏକ ଯୁଦ୍ଧ, ଯାହା ଜଗତକୁ ଓଲଟପାଲଟ କରିଅଛି !

## (The Battle, that has changed the World !)

ସହସ୍ର ସହସ୍ର ବର୍ଷ ପୂର୍ବେ ପରମେଶ୍ୱର ଓ ଶୟତାନ ଅର୍ଥାତ୍ ସତ୍ୟ ଓ ମିଥ୍ୟା ବିରୁଦ୍ଧରେ ଯୁଦ୍ଧ ଆରମ୍ଭ ହୋଇଅଛି । ଏହି ଯୁଦ୍ଧର ସମାପ୍ତି ଯେ କୌଣସି ସମୟରେ ହୋଇପାରେ, କିନ୍ତୁ ପ୍ରଶ୍ନ ଉଠେ, ଏହି ଯୁଦ୍ଧର କାରଣ କଅଣ ଓ ବିଜେତା କିଏ ଏହି ପ୍ରଶ୍ନର ଉତ୍ତର କେବଳ ବାଇବଲରେ ପଢ଼ିପାରିବା । ଏହି ଯୁଦ୍ଧର ପ୍ରାରମ୍ଭ ବିଷୟରେ ବାଇବଲ କଅଣ କହେ ?

ପୃଥିବୀର ସୃଷ୍ଟି ପୂର୍ବେ ପରମେଶ୍ୱର ସ୍ୱର୍ଗ ଓ ଦୂତଗଣଙ୍କୁ ସୃଷ୍ଟି କରିଥିଲେ । (ଆଦି ୧:୧, ଆୟୁବ ୩୮:୩-୭) । ଦୂତଗଣଙ୍କୁ ସୃଷ୍ଟି କରିଥିଲେ । ଦୂତଗଣ ଅର୍ଥାତ୍ ସରିଫ, କୀରୁବ, ପ୍ରଧାନଦୂତ ଓ ଅସଂଖ୍ୟ ଦୂତ ସମୂହଙ୍କୁ କୁହାଯାଏ । ଏହି ଅସଂଖ୍ୟ ଦୂତସମୂହ ମଧ୍ୟରୁ ଏକ ଦୂତକୁ ଅତ୍ୟଧିକ ଶକ୍ତି ଓ ପ୍ରାଧାନ୍ୟତା ଦିଆଯାଇଥିଲା । ସେ ପରମେଶ୍ୱରଙ୍କ ବିରୁଦ୍ଧାଚରଣ କଲା ଓ କେତେକ ଦୂତମାନଙ୍କୁ ଆପଣା ସପକ୍ଷରେ କଲା । (ଯିଶାଇୟ ୧୪:୧୨-୧୫, ମାଥିଉ ୨୫:୪୧) ଏମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ଓ ଚାଲି ଆସିଅଛି । ଏମାନଙ୍କ ମଧ୍ୟରୁ କେତେକ ଅନ୍ଧକାରମୟ ଗହ୍ୱରରେ ରଖିଅଛନ୍ତି । "କାରଣ ଈଶ୍ୱର ପାପର ପତିତ ଦୂତମାନଙ୍କୁ ନ ଛାଡ଼ି ନରକରେ ନିକ୍ଷେପ କରି ବିଚାର ନିମନ୍ତେ ଅନ୍ଧକାରମୟ ଗହ୍ୱରରେ ରଖିଅଛନ୍ତି ।" (୨ ପିତର ୨:୪୨, ଯିହୂଦା ୧:୬) । ବିଦ୍ରୋହୀ ଦୂତମାନେ ବିଚାର ଦିନ ନିମନ୍ତେ ଅନ୍ଧକାର ଗହ୍ୱରରେ ବନ୍ଦୀ ହୋଇ ରହିଅଛନ୍ତି ।

କିନ୍ତୁ ପ୍ରଧାନ ଦୂତ କିଅବା ଶୟତାନ ସ୍ୱର୍ଗରୁ ବିତାଡ଼ିତ ହୋଇ ପୃଥିବୀରେ କାହାକୁ ଗ୍ରାସ କରିବ ଖୋଜି ବୁଲୁଅଛି । (୧ମ ପିତର ୫:୮) । ପ୍ରବଞ୍ଚନାର ଜାଲ ଏବେ ଯାଏ ବିଛାଯାଉଅଛି, ଯେପରି ମାନବ ସମାଜ ସେଥିରେ ଛନ୍ଦି ହୋଇ ବିନଷ୍ଟ ହୁଅନ୍ତି । (୧ମ ଯୋହନ ୩:୮ ଓ ରୋମୀୟ ୬:୨୩) ।

ଅନେକ ସମୟରେ ପରମେଶ୍ୱର ମାନବମାନଙ୍କ ନିମନ୍ତେ ଭାବବାଦୀ ଓ ଦୂତମାନଙ୍କୁ ପଠାନ୍ତି । କିନ୍ତୁ ମାନବ ସମାଜ ଶୟତାନର କଥାରେ ମନଯୋଗ କରିବାକୁ ଇଚ୍ଛା କରନ୍ତି । ଦୁଇହଜାର ବର୍ଷ ପୂର୍ବେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ମନୁଷ୍ୟର ପରିତ୍ରାଣାର୍ଥେ

ଶରୀର ଧାରଣ କରି ଏହି ଜଗତରେ ଅବତରଣ କରିଥିଲେ । ମାନବ ଜାତିର ପରିତ୍ରାଣ ହିଁ ତାହାଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସେ ସେମାନଙ୍କୁ ଶିକ୍ଷା ଦେଲେ, ରୋଗରୁ ସୁସ୍ଥ କଲେ ଏବଂ ଶେଷରେ ଆପଣା ପ୍ରାଣ କ୍ରୁଶରେ ଅର୍ପଣ କଲେ ।

କାଲବରୀରେ ପରମେଶ୍ୱର ଓ ଶୟତାନ ମଧ୍ୟରେ ଦ୍ୱିତୀୟ ଯୁଦ୍ଧ ଆରମ୍ଭ ହେଲା । ଏହି ଯୁଦ୍ଧ ଦ୍ୱାରା ସମସ୍ତ ପରିବର୍ତ୍ତିତ ହୋଇଅଛି । ଏହି ଯୁଦ୍ଧର ପ୍ରତିଫଳ ଅତିଶ୍ରେଷ୍ଠ, ମନୁଷ୍ୟର ପରମେଶ୍ୱରଙ୍କ ସହ ଅନନ୍ତଜୀବନ ଏହି ବିଜୟ, ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ''ପ୍ରାଣଦାନ'' ଦ୍ୱାରା ସମ୍ଭବପର ହୋଇଅଛି । ଆମ୍ଭେମାନେ ତାହାଙ୍କ ଦ୍ୱାରା ଶୟତାନର ସମସ୍ତ ପ୍ରଲୋଭନରୁ ମୁକ୍ତ ହୋଇପାରୁଅଛୁ । ''ସମାପ୍ତ ହେଲା'' (ଯୋହନ ୧୯:୩୦) ବୋଲି କହି ସେ ମୃତ୍ୟୁବରଣ କଲେ । ସେ ଆପଣା କାର୍ଯ୍ୟ ସମାପ୍ତ କଲେ । ସେ ମୂଲ୍ୟ ଦେଇ ଆମ୍ଭମାନଙ୍କୁ ମୁକ୍ତ କରିଅଛନ୍ତି । ସେ ବିଜୟୀ ଅଟନ୍ତି ।

ଶୟତାନ ଯୁଦ୍ଧରେ ପରାସ୍ତ ହୋଇଅଛି । ସେ ସମ୍ପୂର୍ଣ୍ଣ ଭାବେ ପରାସ୍ତ ହୋଇଅଛି । ଆଜି ଯେଉଁମାନେ ତାହାଙ୍କୁ ଗ୍ରହଣ କରନ୍ତି, ସେମାନେ ଅନନ୍ତଜୀବନ ପ୍ରାପ୍ତ ହୁଅନ୍ତି । (ଯୋହନ ୩:୧୪-୧୮, ୧:୧୨) । ଏହି ଯୁଦ୍ଧ ଜଗତକୁ ଓଲଟପାଲଟ କରିଅଛି । ଆପଣ ଯଦି ବିଜୟୀ ଯୀଶୁ ଆପଣା ଜୀବନରେ ଗ୍ରହଣ କରନ୍ତି ଓ ତାହାଙ୍କ ସହ ଜୀବନଯାପନ କରନ୍ତି, ଅପାଣଙ୍କ ଜୀବନ ମଧ୍ୟ ସେ ପରିବର୍ତ୍ତନ କରିବେ । ''ମୁଁ ଦ୍ୱାର, ଯଦି କେହି ମୋ ଦେଇ ପ୍ରବେଶ କରେ, ତାହାହେଲେ ସେ ରକ୍ଷା ପାଇବ ଏବଂ ଭିତରକୁ ଆସି ଓ ବାହାରକୁ ଯାଇ ଚରା ପାଇବ ।'' (ଯୋହନ ୧୦:୯)

**- Patricks Boynes**

❋❋❋

# ପୁରସ୍କାରର ପ୍ରତିଫଳ

## (The Recompense of Reward)

ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, ''ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଅଛନ୍ତି । ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପୁରସ୍କାର ପାଏ । ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ (୧୧:୬)

ବିଶ୍ୱାସ ସହ ପରିଚର୍ଯ୍ୟାର ପୁରସ୍କାର ଅଛି ବୋଲି ଏହି ବାକ୍ୟରୁ ବୁଝିପାରୁ । ପୁରସ୍କାର ଆମ୍ଭମାନଙ୍କୁ ପ୍ରୋତ୍ସାହିତ କରେ । ଆମ୍ଭେମାନେ ବେତନ ପାଇବା ଆଶାରେ ଚାକିରୀ କରୁ । ବ୍ୟବସାୟୀମାନେ ଲାଭ ପାଇବା ଆଶାରେ ବ୍ୟବସାୟ କରନ୍ତି । ଖେଳାଳୀମାନେ ପୁରସ୍କାରର ଆଶାରେ କ୍ରୀଡ଼ାରେ ଯୋଗଦିଅନ୍ତି । ଗାୟକ/ଗାୟିକାମାନେ, ଅଭିନେତା/ଅଭିନେତ୍ରୀମାନେ ଉପଯୁକ୍ତ ସୁଯୋଗ ନିମନ୍ତେ ଅନେକ ବର୍ଷ ଆଶାରେ ଅପେକ୍ଷା କରନ୍ତି । ବାଳକ/ବାଳିକାମାନେ ପୁରସ୍କୃତ ହେବା ନିମନ୍ତେ ପରିଶ୍ରମ କରନ୍ତି, ସୁନା ଓ ଖଣିଜ ପଦାର୍ଥ ମିଳିବା ଆଶାରେ ଲୋକେ ମାଟି ଗଭୀର ଖୋଳନ୍ତି ।

ସେହିପରି ଭାବେ, ପରମେଶ୍ୱର ତାହାଙ୍କୁ ସେବା କରିବା ମନୁଷ୍ୟମାନଙ୍କୁ ପୁରସ୍କୃତ କରନ୍ତି । ଅବଶ୍ୟ କେବଳ ତାହାଙ୍କୁ ଜ୍ଞାତ ହେବାରେ ଆମ୍ଭେମାନେ ପୁରସ୍କୃତ ହୋଇଥାଉ । ତାହାଙ୍କ ବିଶ୍ୱସ୍ତ ସେବକମାନଙ୍କୁ ସେ ପ୍ରଚୁର ଭାବେ ପୁରସ୍କୃତ କରିବେ । ଏହି ଆଶା ଓ ଭରସା ଆମ୍ଭମାନଙ୍କୁ ଦୁଃଖ, କଷ୍ଟ, କ୍ଳେଶ ସହିବାରେ ସାହାଯ୍ୟ କରେ । ଏତଦ୍ୱାରା ଆମ୍ଭେମାନେ ଜୀବନର ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିବାରେ ସାହାଯ୍ୟ କରେ । ନଚେତ୍ ଆମ୍ଭେମାନେ ପଥହରା ହେବୁ ।

## ସଦାପ୍ରଭୁଙ୍କ ପୁରସ୍କାର ପ୍ରତିଜ୍ଞା :

ତାହାଙ୍କ ଅନୁସରଣକାରୀମାନଙ୍କୁ ପରମେଶ୍ୱର ଆଦ୍ୟରୁ ପୁରସ୍କାର ପ୍ରତିଜ୍ଞା କରିଅଛନ୍ତି । ନୋହଙ୍କୁ ମହାବନ୍ୟାରୁ ରକ୍ଷା କରିବା ନିମନ୍ତେ ସେ ପ୍ରତିଜ୍ଞା କରିଥିଲେ । ପରମେଶ୍ୱରଙ୍କ ଆଜ୍ଞା ପାଳନ କରି, ନୋହ ଓ ତାହାଙ୍କ ପରିବାର ମହାବନ୍ୟାରୁ ରକ୍ଷା ପାଇଥିଲେ । ''ବିଶ୍ୱାସ ଦ୍ୱାରା ନୋହ ସେ ସମୟ ପର୍ଯ୍ୟନ୍ତ ଅପ୍ରକାଶିତ ବିଶ୍ୱାସ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ....'' (ଏବ୍ରୀ ୧୧:୭)। ଅବ୍ରାହାମ, ତାହାଙ୍କ ବଂଶଧରମାନଙ୍କ ନିମନ୍ତେ କିଣାନ ଦେଶ ପୁରସ୍କାର ରୂପେ ପାଇବାକୁ ଅପେକ୍ଷା କରିଥିଲେ । ''ବିଶ୍ୱାସ ଦ୍ୱାରା ଅବ୍ରାହମ ଆହ୍ୱାନ ପ୍ରାପ୍ତ ହୁଅନ୍ତେ, ଯେଉଁ ଦେଶ ସେ ଅଧିକାର ସ୍ୱରୂପ ଯାଉଥିଲେ; ଆଜ୍ଞାବହ ହୋଇ ସେଠାକୁ ବାହାରିଗଲେ, ପୁଣି ସେ କେଉଁଠାକୁ ଯାଉଅଛନ୍ତି, ତାହା ନ ଜାଣି ସୁଦ୍ଧା ବାହାରିଗଲେ ।'' (୮ମ ପଦ) । ମୋଶା, ଉତ୍କୃଷ୍ଟତର ଧନସମ୍ପଦ ନିମନ୍ତେ, ଏହି ଜାଗତିକ ରାଜ୍ୟ ପରିତ୍ୟାଗ କରିଥିଲେ ।

ପରମେଶ୍ୱରଙ୍କ ସ୍ୱଜନଙ୍କୁ ପ୍ରତିଜ୍ଞାତ ଦେଶକୁ କଢ଼ାଇନେବା ନିମନ୍ତେ ସେ କ୍ରୋଧୀ ରାଜା ଫାରୋର ସମ୍ମୁଖୀନ ହୋଇଥିଲେ । ଅରଣ୍ୟରେ ଶକ୍ତଗ୍ରୀବ ଇଶ୍ରାଏଲ୍ ଜାତିର ଅବିଶ୍ୱାସ ଚାଳିଶି ବର୍ଷ ପର୍ଯ୍ୟନ୍ତ ସହ୍ୟ କରିଥିଲେ । କାରଣ, "....ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ, କାରଣ ସେ ପୁରସ୍କାର ଦାନର ସମୟ ପ୍ରତି ଦୃଷ୍ଟିପାତ କଲେ ।" (୨୬ତମ ପଦ)

ଆମ୍ଭମାନଙ୍କ ନିମନ୍ତେ ପୁରସ୍କାରର ପ୍ରତିଜ୍ଞା :

ଯେଉଁମାନେ ବିଶ୍ୱସ୍ତଭାବେ ଖ୍ରୀଷ୍ଟଙ୍କ ଅନୁସରଣ କରନ୍ତି, ସେମାନଙ୍କ ନିମନ୍ତେ ଶ୍ରେଷ୍ଠତମ ପ୍ରତିଜ୍ଞାମାନ ପରମେଶ୍ୱର ଦେଇଅଛନ୍ତି । ସେଗୁଡ଼ିକ ଯଥା :- ପାପକ୍ଷମା, ମାନସିକ ଶାନ୍ତି, ପବିତ୍ର ଆତ୍ମାଙ୍କ ସହବାସ, ମୃତ୍ୟୁ ପରେ ଜୀବନ, ପୁନଃରୁଥାନ, ଆତ୍ମିୟ ଶରୀର ଧାରଣ, ଅନନ୍ତ ଶାସ୍ତିରୁ ମୁକ୍ତି, ସ୍ୱର୍ଗୀୟ ଗୃହ ଓ ଅନନ୍ତ ଜୀବନ, ଆଉ ଆମ୍ଭମାନଙ୍କୁ କଅଣ ଦରକାର ? ଯେଉଁମାନେ ତାହାଙ୍କ ଅନ୍ୱେଷଣ କରନ୍ତି, ସେମାନଙ୍କ ନିମନ୍ତେ ଉପରୋକ୍ତ ବିଷୟସବୁ ପ୍ରତିଜ୍ଞା କରାଯାଇଅଛି । ଅନେକ କଷ୍ଟ ସହ୍ୟ କରି ଆମ୍ଭମାନଙ୍କୁ ସ୍ୱର୍ଗରେ ପ୍ରବେଶ କରିପାରିବା । ପ୍ରିୟବନ୍ଧୁ, ଆସ ଆମ୍ଭେ, ପ୍ରତିଜ୍ଞାତ ପୁରସ୍କାର ନିମନ୍ତେ ବାକ୍ୟର ଅନୁସରଣ କରି ବିଶ୍ୱସ୍ତ ଜୀବନଯାପନ କରିବା ।

**- John Theesen**

❋❋❋

## ସର୍ବଶ୍ରେଷ୍ଠ ସମ୍ପଦ

### (The greatest Treasure)

ଏହି ଜଗତର ଅଧିକାଂଶ ଲୋକ ଧନସମ୍ପଦ ଅର୍ଜନ କରିବାରେ ଲାଳାୟିତ । ଆପଣା ଜୀବନର ଅଧିକାଂଶ ସମୟ ଆଲୋଚନା ଓ ଶକ୍ତି ଧନ ଅର୍ଜନ କରିବାରେ ଖର୍ଚ୍ଚ କରନ୍ତି । ଜାଗତିକ ଧନସମ୍ପଦ ଅର୍ଜନ କରି ଜୀବନରେ ସଫଳିକୃତ ହେବେ ବୋଲି ସେମାନଙ୍କ ମନୋଭାବ । କିନ୍ତୁ ଏହି ଧନ ସମ୍ପଦ ପ୍ରବଞ୍ଚକ ତୁଲ୍ୟ ଓ ପ୍ରକୃତ ଆନନ୍ଦ ଦିଏ ନାହିଁ । ବୀଜବପନ ବୃକ୍ଷରେ ଯୀଶୁଖ୍ରୀଷ୍ଟ କହିଲେ, "....ଧନର ମାୟା ବାକ୍ୟକୁ ଚାପି ପକାଏ, ଆଉ ସେ ଫଳହୀନ ହୁଏ....।" (ମାଥିଉ ୧୩:୨୨)

''...ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ, କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ।'' (ଲୂକ ୨:୧୫)।

ଧନସମ୍ପଦ ଅର୍ଜନରେ ଲାଳାୟିତ ନ ହେବା ନିମନ୍ତେ ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ତର୍କ କରିଥିଲେ। ''ଈଶ୍ୱର ପରାୟଣତା ସନ୍ତୋଷ ଭାବଯୁକ୍ତ ହେଲେ ପ୍ରକୃତରେ ବିଶେଷ ଲାଭଜନକ। କାରଣ ଆମ୍ଭେମାନେ ଜଗତକୁ କିଛି ଆଣିନାହୁଁ, ପୁଣି ଏଠାରୁ କିଛି ଘେନି ଯାଇ ନ ପାରୁ। ଏଣୁ ଅନ୍ନବସ୍ତ୍ର ଥିଲେ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ। ମାତ୍ର ଯେଉଁମାନେ ଧନୀ ହେବାକୁ ଇଚ୍ଛା କରନ୍ତି, ସେମାନେ ପରୀକ୍ଷା ଓ ଫାନ୍ଦରେ ପୁଣି ଅନେକ ପ୍ରକାର ଅସଙ୍ଗତ ଓ କ୍ଷତିଜନକ ଅଭିଳାଷରେ ପଡ଼ନ୍ତି, ଏହିସବୁ ମନୁଷ୍ୟକୁ ଧ୍ୱଂସ ଓ ବିନାଶ ରୂପେ ସାଗରରେ ମଗ୍ନ କରେ। କାରଣ ଧନଲୋଭ ସମସ୍ତ ଅନିଷ୍ଟ ମୂଳ, କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି ପଥଭ୍ରଷ୍ଟ ହୋଇଅଛନ୍ତି, ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରିଅଛନ୍ତି।'' (୧ମ ତୀମଥି ୬:୬-୧୦)

ସଦାପ୍ରଭୁ ଆମ୍ଭମାନଙ୍କୁ ଦେଉଥିବା ସମ୍ପଦ, ଏହି ଜାଗତିକ ଧନସମ୍ପଦରୁ ବହୁଗୁଣ ଶ୍ରେଷ୍ଠତର। ଏହା ସ୍ୱର୍ଗରାଜ୍ୟ ସମ୍ବନ୍ଧୀୟ ସମ୍ପଦ। ପ୍ରେରିତ ପାଉଲ ଲେଖନ୍ତି,''ସମସ୍ତ ସାଧୁଙ୍କ ମଧ୍ୟରେ କ୍ଷୁଦ୍ରତମ ଠାରୁ କ୍ଷୁଦ୍ର ଯେ ମୁଁ, ମୋତେ ବିଜାତିମାନଙ୍କ ନିକଟରେ ବୋଧର ଅଗମ୍ୟ ଖ୍ରୀଷ୍ଟଙ୍କ ନିଧି ସୁସମାଚାର ପ୍ରଚାର କରିବା ପାଇଁ..... ଅନୁଗ୍ରହ ପ୍ରଦତ୍ତ ହୋଇଅଛି।'' (ଏଫିସୀ ୩:୯)। ଖ୍ରୀଷ୍ଟଙ୍କ ନିଧି ପ୍ରଚାରିତ ହୋଇଥିଲା। ଯେଉଁମାନେ ବିଶ୍ୱାସ ଓ ନମ୍ରତାରେ ବାର୍ତ୍ତା ଗ୍ରହଣ କରିଥିଲେ, ସେମାନେ ସେହି ଅକ୍ଷୟ ଓ ମହତ୍ ନିଧି ପ୍ରାପ୍ତ ହୋଇଥିଲେ। ଏହି ଶ୍ରେଷ୍ଠତମ ସମ୍ପଦ ଜାଗତିକ ହୃଦୟର ଅଗୋଚର।

ଯୀଶୁଖ୍ରୀଷ୍ଟ, ସ୍ୱର୍ଗରାଜ୍ୟ ବିଷୟରେ ବର୍ଣ୍ଣନା କରିବା ନିମନ୍ତେ ଅନେକ ଦୃଷ୍ଟାନ୍ତ କହିଥିଲେ। ''ସ୍ୱର୍ଗରାଜ୍ୟ କ୍ଷେତ୍ରରେ ଗୁପ୍ତ ହୋଇଥିବା ଧନସଦୃଶ୍ୟ ଜଣେ ତାହା ଦେଖି ଗୋପନ କରି ରଖିଲା ଓ ଆନନ୍ଦରେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ସେହି କ୍ଷେତ୍ରକୁ କ୍ରୟ କଲା।'' (ମାଥିଉ ୧୩:୪୪) ସ୍ୱର୍ଗରାଜ୍ୟ ସମସ୍ତ ଆଶୀଷ ସମ୍ପଦ।

ଜଣେ ମନୁଷ୍ୟ ଜଗତର ସମସ୍ତ ଧନସମ୍ପଦ ଅର୍ଜନ କଲେ ସୁଦ୍ଧା ସ୍ୱର୍ଗରାଜ୍ୟ ସମତୁଲ୍ୟ ନୁହେଁ ।

ଏହି ସମ୍ପଦ ମନୁଷ୍ୟମାନଙ୍କ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ଦାନ । ଏହି ଅମୂଲ୍ୟ ଦାନ ମନୁଷ୍ୟମାନଙ୍କ ପ୍ରାପ୍ତି ନିମନ୍ତେ, ଯୀଶୁଖ୍ରୀଷ୍ଟ ଶରୀର ଧାରଣ କରି ଏହି ଜଗତରେ ଅବତରଣ କରିଥିଲେ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, ''କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭେମାନେ ଜାଣ, ତୁମ୍ଭେମାନେ ଯେପରି ତାହାଙ୍କ ଦରିଦ୍ରତା ଦ୍ୱାରା ଧନବାନ ହୁଅ, ଏଥିପାଇଁ ସେ ଧନୀ ହେଲେ ହେଁ କିପରି ତୁମ୍ଭମାନଙ୍କ ନିମନ୍ତେ ଦରିଦ୍ର ହେଲେ ।'' (୨ କରିନ୍ଥୀ ୮:୯) । ଯୀଶୁ ଆପଣା ପିତାଙ୍କ ସହ ସ୍ୱର୍ଗରେ ଥିବାବେଳେ ସେ କେତେ ଧନୀ ହୋଇଥିବେ, ଆପଣ କି କଳ୍ପନା କରିପାରିବେ । ସେ,''.......ଈଶ୍ୱରଙ୍କ ସଙ୍ଗରେ ଥିଲେ ।'' (ଯୋହନ ୧:୧) । ସେ କିଛି ସମୟ ନିମନ୍ତେ ଆପଣା ଐଶ୍ୱର୍ଯ୍ୟ ପରିତ୍ୟାଗ କରି, ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ବଳି ଦେବା ନିମନ୍ତେ ଏହି ଜଗତରେ ଆସିଥିଲେ । ଯେଉଁମାନେ ତାହାଙ୍କ ଆଜ୍ଞାବହ ହୁଅନ୍ତି, ସେମାନଙ୍କୁ ସେ ଆପଣା ସହ ତାହାଙ୍କ ଐଶ୍ୱର୍ଯ୍ୟରେ ସହଭାଗୀ କରନ୍ତି । ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ କରିଅଛନ୍ତି । (ରୋମୀୟ ୮:୧୬,୧୭ ଓ ଫିଲିପି ୨:୫-୧୧)

ପରିତ୍ରାଣ ପ୍ରାପ୍ତ ହେବା ଖ୍ରୀଷ୍ଟିୟାନମାନେ ସ୍ୱର୍ଗୀୟ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବା ସଙ୍ଗେ, ଏହି ପୃଥିବୀରେ ପ୍ରଚୁର ଅନୁଗ୍ରହ ପ୍ରାପ୍ତ ହୁଅନ୍ତି । ''ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛୁ । ସେହି ଅନୁଗ୍ରହ ସେ ସମସ୍ତ ପ୍ରକାର ଜ୍ଞାନ ଓ ବୁଦ୍ଧି ଦେଇ ଆମ୍ଭମାନଙ୍କ ପ୍ରତି ପ୍ରଚୁର କରିଅଛନ୍ତି ।'' (ଏଫିସୀ ୧:୭,୮) । ସେ ପ୍ରଚୁର ଭାବେ ଆମ୍ଭମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି (ଏଫିସୀ ୨:୪) । ତାହାଙ୍କ ଅନୁଗ୍ରହ ଆମ୍ଭମାନଙ୍କୁ ସମୃଦ୍ଧ କରିଅଛି । ''ଆଉ, ଭରସା ଲଜ୍ଜା ଦିଏ ନାହିଁ, କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି ।'' (ରୋମୀୟ ୫:୫) । ଯେଉଁମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ଅଛି, ସେମାନେ ସମୃଦ୍ଧିଶାଳୀ । ସେମାନଙ୍କ ସମୃଦ୍ଧତା ଅନନ୍ତକାଳସ୍ଥାୟୀ ।

ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କ ପାପରୁ ମୁକ୍ତି ଓ ବହୁଳ ଆତ୍ମୀୟ ଆଶୀର୍ବାଦ ନିହିତ ହୋଇଅଛି । "ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।" (ଏଫିସୀ ୧:୩) । ଏହି ଆନନ୍ଦ, ଜାଗତିକ ଆନନ୍ଦରୁ ମହତ୍ତର । ଏହି ଆଶ୍ୱାସନା ସହ ଏହି ଜୀବନଯାପନ କରୁ ।

"ଈଶ୍ୱରଙ୍କର ଅକଥନୀୟ ଦାନ ନିମନ୍ତେ, ତାହାଙ୍କର ଧନ୍ୟବାଦ ହେଉ ।" (୨ କରିନ୍ଥୀ ୯:୫)

- O.P. Baird

❋❋❋

# ଆଜୀବନ, ସାପ୍ତାହିକ ଭାବେ ପାଳନ କର

## (Take this once a week for the rest of your life !)

ପ୍ରଥମ ଶତାବ୍ଦୀରେ ଯୀଶୁଖ୍ରୀଷ୍ଟଙ୍କ ଅନୁଚରମାନେ, ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନାର୍ଥେ ଏକତ୍ରିତ ହେଉଥିଲେ । (ପ୍ରେରିତ ୨୦:୭) । ପ୍ରେରିତମାନଙ୍କ ଆଜ୍ଞାନୁଯାୟୀ ସପ୍ତାହର ପ୍ରଥମ ଦିବସରେ 'ପ୍ରଭୁଭୋଜ' ପାଳନ କରାଯାଉଥିଲା । ଏହା ଏକ ହତୋତ୍ସାହ ପ୍ରଥା ବୋଲି ମନେ କଲେ ହେଁ, ଏହାର ମର୍ମ ଆମ୍ଭମାନଙ୍କ ହୃଦୟକୁ ପ୍ରୋତ୍ସାହିତ କରେ ।

"କାରଣ ମୁଁ ପ୍ରଭୁଙ୍କ ଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି, ତାହା ଏହି ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ । ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି

ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ ।'' (୧ମ କରିନ୍ଥୀ ୧୧:୨୩-୨୬)

ଆମ୍ଭେମାନେ ''ପ୍ରଭୁଭୋଜ''ରେ ଖ୍ରୀଷ୍ଟଙ୍କ ସ୍ମରଣାର୍ଥେ ରୋଟୀ ଖାଉ ଓ ଖ୍ରୀଷ୍ଟଙ୍କ ରକ୍ତର ସ୍ମରଣାର୍ଥେ ଦ୍ରାକ୍ଷାରସ ପାନ କରୁ । ତାହାଙ୍କ ଶରୀର ଓ ରକ୍ତ ଆମ୍ଭମାନଙ୍କ ନିମନ୍ତେ ସେ ସମର୍ପଣ କରିଥିଲେ, ସ୍ମରଣ କରୁ । ତତ୍ ସଙ୍ଗେ ସଙ୍ଗେ ଉପସ୍ଥିତ ସଭ୍ୟମାନଙ୍କୁ ତାହାଙ୍କ ମୃତ୍ୟୁ ପ୍ରଚାର କରୁ । ସେ ମୃତ ଥିଲେ, କିନ୍ତୁ ପୁନଃଜୀବିତ ହୋଇ ଆମ୍ଭମାନଙ୍କ ନିକଟକୁ ପୁନର୍ବାର ଫେରି ଆସିବେ । ଏହି ସତ୍ୟତା ଏହି ପ୍ରଥା ପାଳନରେ ପ୍ରକଟିତ କରୁ ।

''ଅତଏବ, ଯେକେହି ଅଯୋଗ୍ୟ ଭାବରେ ପ୍ରଭୁଙ୍କର ଏହି ରୋଟୀ ଭୋଜନ କରେ କିମ୍ବା ଏହି ପାତ୍ରରୁ ପାନ କରେ, ସେ ପ୍ରଭୁଙ୍କ ଶରୀରର ଓ ରକ୍ତର ଦାୟୀ ହେବେ । କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷା କରୁ, ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ ଓ ଏହି ପାତ୍ରରୁ ପାନ କରୁ । କାରଣ ଯେ କେହି ଶରୀରକୁ ବିଶେଷ ନ ମଣି ଭୋଜନ କରେ, ସେ ଆପଣା ଦଣ୍ଡ ନିମନ୍ତେ ଭୋଜନ କରେ ଓ ପାନ କରେ । ଏ ହେତୁ ତୁମ୍ଭମାନଙ୍କ ମଧ୍ୟରେ ଅନେକ ଦୁର୍ବଳ ଓ ପୀଡ଼ିତ, ପୁଣି ଅନେକେ ମହାନିଦ୍ରାପ୍ରାପ୍ତ ଅଟନ୍ତି । କିନ୍ତୁ ଯଦି ଆମ୍ଭେମାନେ ଆପଣା ଆପଣାର ବିଚାର କରନ୍ତୁ, ତେବେ ବିଚାରିତ ହେଉ ନ ଥାଆନ୍ତୁ । ଆଉ, ଜଗତ ସହିତ ଯେପରି ଦଣ୍ଡାଜ୍ଞା ପ୍ରାପ୍ତ ନ ହେଉ, ଏଥି ନିମନ୍ତେ ପ୍ରଭୁଙ୍କ ଦ୍ୱାରା ବିଚାରିତ ହୋଇ ଆମ୍ଭେମାନେ ଶାସ୍ତିଭୋଗ କରୁଅଛୁ ।'' (୧ମ କରିନ୍ଥୀ ୧୧:୨୭-୩୨)

ଏହା ସାଧାରଣ ଭୋଜନ ନୁହେଁ । ଏହା ଶାରୀରିକ କ୍ଷୁଧା ମେଣ୍ଟାଏ ନାହିଁ, ଆତ୍ମୀୟ ଭାବ ନ ଥିଲେ, ଏହି ପ୍ରଥାରେ ଯୋଗଦେବା ବୃଥା । ଏହା ଆପଣା ଆପଣାକୁ ପରୀକ୍ଷା କରିବାର ସମୟ । ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ । ''ପ୍ରଭୁଭୋଜ'' ପାଳନ କରିବାର ପ୍ରତିଫଳ କଅଣ ? ଏହାର ପ୍ରଭାବ କଅଣ ?

''ପ୍ରଭୁଭୋଜ'' ପାଳନରେ ଅଶ୍ରଦ୍ଧାଭାବ ଖ୍ରୀଷ୍ଟିୟ ଜୀବନରେ ଅଧୋଗତି, ଯଦି ମୁଁ ପ୍ରଭୁଭୋଜ ପାଳନ ନିମନ୍ତେ ଆରାଧନାରେ ଅନୁପସ୍ଥିତ କିଅବା ଉପସ୍ଥିତ ରହି ଅନ୍ୟମନସ୍କ ତାହାହେଲେ ମୁଁ ଦୁର୍ବଳ ଓ ଆତ୍ମିକ ଭାବେ ମୃତ ।

ଆତ୍ମ ପରୀକ୍ଷା ଦ୍ୱାରା ଆପଣା ଆପଣାକୁ ସୁଧାରିବାରେ ସୁଯୋଗ ପାଉ । ଆପଣାକୁ ନ ସୁଧାରିଲେ, ବିଚାରଦିନରେ ଅନ୍ୟମାନଙ୍କ ସଦୃଶ୍ୟ ମୁଁ ମଧ୍ୟ ଦଣ୍ଡିତ ହେବି ।

ଆମ୍ଭେମାନେ ସ୍ମରଣାର୍ଥେ, ପ୍ରକଟ କରିବା ନିମନ୍ତେ ଓ ଆତ୍ମପରୀକ୍ଷା କରିବା ନିମନ୍ତେ ଏହି ଭୋଜରେ ସହଭାଗୀ ହେଉ । ଆମ୍ଭେମାନେ ସ୍ମରଣ କରୁ । ଆମ୍ଭେମାନେ ପ୍ରକଟ କରୁ । ଆମ୍ଭେମାନେ ଆପଣା ଆପଣାକୁ ପରୀକ୍ଷା କରୁ ।

ଆମ୍ଭମାନଙ୍କ ଆତ୍ମିକ ଅଭିବୃଦ୍ଧି ଓ ଆରୋଗ୍ୟ ନିମନ୍ତେ ଏହି ପ୍ରଥା ଈଶ୍ୱରଙ୍କ ଦତ୍ତ । ଏହି ପ୍ରଥାର ସୁଫଳ ପ୍ରାପ୍ତି ନିମନ୍ତେ ମହାବୈଦ୍ୟ କହନ୍ତି, ''ଆଜୀବନ, ସାପ୍ତାହିକ ଭାବେ ଏହା ଭୋଜନ କର ।''

**- Danny Boggs**

❋❋❋

# ଅଗ୍ନି ସହ କୌତୁକ

## (Playing with fire)

ମୋଶାଙ୍କ ବ୍ୟବସ୍ଥା ସମୟରେ ମୋଶାଙ୍କ ଭ୍ରାତା ହାରୋଣ ପ୍ରଥମ ଯାଜକ ଥିଲେ । ତାହାଙ୍କ ଭାର୍ଯ୍ୟା ନାମ ଏଲିଶେବା । ନାଦବ, ଅବୀହୂ, ଏଲିୟାଜର ଓ ଈଥାମର ସେମାନଙ୍କ ଚାରି ପୁତ୍ର ।

ମୋଶା, ଏକାକୀ ସିନୟ ପର୍ବତ ଆରୋହଣ କରି ପରମେଶ୍ୱରଙ୍କ ଦର୍ଶନ କଲେ ଓ ତାହାଙ୍କ ଦତ୍ତ ବ୍ୟବସ୍ଥା ଗ୍ରହଣ କଲେ । ହାରୋଣ, ନାଦବ ଓ ଅବୀହୂ ଓ ଇଶ୍ରାଏଲର ଅଧ୍ୟକ୍ଷମାନଙ୍କ ମଧ୍ୟରୁ ସତୁରି ଜଣ, ପରମେଶ୍ୱରଙ୍କ ଦର୍ଶନ ନିମନ୍ତେ କିଅବା ତାହାଙ୍କ ସାନ୍ନିଧ୍ୟର ସ୍ଥାନ ଦେଖିବା ନିମନ୍ତେ ପର୍ବତର କିଛି ଦୂର ଆରୋହରଣ କଲେ । ''ତେବେ ମୋଶା, ହାରୋଣ, ନାଦବ, ଅବୀହୂ ଓ ଇସ୍ରାଏଲ୍‌ର ପ୍ରାଚୀନବର୍ଗର ସତୁରି ଜଣ ଆରୋହଣ କଲେ, ଆଉ ସେମାନେ ଇସ୍ରାଏଲ୍‌ର ପରମେଶ୍ୱରଙ୍କୁ ଦର୍ଶନ କଲେ । ପୁଣି ତାହାଙ୍କ ଚରଣ ତଳ ସ୍ଥାନ ଉଜ୍ଜ୍ୱଳ ନୀଳକାନ୍ତ ମଣି ନିର୍ମିତ କାର୍ଯ୍ୟ ତୁଲ୍ୟ ଓ ନିର୍ମଳତାରେ ଠିକ୍ ଆକାଶ ପରି ଥିଲା । ଆଉ ସେ ଇସ୍ରାଏଲ୍-ସନ୍ତାନଗଣର ଅଧ୍ୟକ୍ଷମାନଙ୍କ

ବିରୁଦ୍ଧରେ ହସ୍ତ ବିସ୍ତାର କଲେ ନାହିଁ, ମାତ୍ର ସେମାନେ ପରମେଶ୍ୱରଙ୍କ ଦର୍ଶନ କଲେ, ପୁଣି ଭୋଜନପାନ କଲେ ।'' (ଯାତ୍ରା ୨୪:୯-୧୧) । ନାଦବ, ଅବୀହୂ ଓ ଇସ୍ରାଏଲ୍-ସନ୍ତାନମାନେ ସୀନୟ ପର୍ବତ ଉପରେ ଭୋଜନପାନ କଲେ, କିନ୍ତୁ ସଦାପ୍ରଭୁଙ୍କ ହସ୍ତ ସେମାନଙ୍କୁ ଆଘାତ କରିନଥିଲା । କିନ୍ତୁ ତତ୍ପର ଘଟଣାରେ ସଦାପ୍ରଭୁ ନାଦବ ଓ ଅବୀହୂଙ୍କ ବିରୁଦ୍ଧରେ ହସ୍ତ ବିସ୍ତାର କଲେ ।

ଏହି ଯାଜକଦ୍ୱୟ ଇତର ଅଗ୍ନି (ଯାହା ସଦାପ୍ରଭୁଙ୍କ ଦ୍ୱାରା ଆଜ୍ଞାପିତ ହୋଇ ନ ଥିଲା) ନେଇ ଅଙ୍ଗାରଧାନୀରେ ଦେଇ ଧୂପ ରଖିଲେ ! ସଦାପ୍ରଭୁ ବେଦୀ ଉପରେ ଉତ୍ସର୍ଗ ଥିବା ଅଗ୍ନି ନେଇ ଅଙ୍ଗାରଧାନୀରେ ଧୂପ କରିବାକୁ ପାଇଁ ଆଜ୍ଞା ଦେଇଥିଲେ । ''ଅନନ୍ତର ହାରୋଣଙ୍କର ପୁତ୍ର ନାଦବ ଓ ଅବୀହୂ ପ୍ରତ୍ୟେକେ ଆପଣା ଆପଣା ଅଙ୍ଗାଧାନୀ ନେଇ ତହିଁରେ ଅଗ୍ନି ଦେଇ ତହିଁ ଉପରେ ଧୂପ ରଖିଲେ, ପୁଣି, ସଦାପ୍ରଭୁ ଯାହା ଆଜ୍ଞା କରି ନଥିଲେ, ଏପରି ଇତର ଅଗ୍ନି ତାହାଙ୍କ ଛାମୁରେ ଉତ୍ସର୍ଗ କଲେ । ତହିଁରେ ସଦାପ୍ରଭୁଙ୍କ ସମ୍ମୁଖରୁ ଅଗ୍ନି ନିର୍ଗତ ହୋଇ ସେମାନଙ୍କୁ ଗ୍ରାସ କଲା ଓ ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ମଲେ ।'' (ଲେବୀ ୧୦:୧,୨) ସଦାପ୍ରଭୁଙ୍କ ଆଜ୍ଞାପିତ ହୋଇ ନ ଥିବା, ଆରାଧନା ପଦ୍ଧତି ମଧ୍ୟ ତାହାଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ ।

ଯେଉଁମାନେ ସଦାପ୍ରଭୁଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କ ନିମନ୍ତେ ଏହି କାହାଣୀ ଏକ ସତର୍କବାଣୀ । ମନୁଷ୍ୟର କର୍ତ୍ତବ୍ୟକର୍ମ ସଦାପ୍ରଭୁ ପ୍ରକାଶିତ କରିଅଛନ୍ତି । ତାହାଙ୍କ ବାକ୍ୟରେ ଯୋଗ କିଅବା ବିଯୋଗ କରିବା, ତାହାଙ୍କ ଆଜ୍ଞାର ବିରୁଦ୍ଧାଚରଣ କରିବା, ଏହି ବିଷୟ ଯାଜକଦ୍ୱୟ ଜାଣିବି ଅଜଣା ରହିଲେ । ଯେଉଁମାନେ ଅନାଜ୍ଞାପିତ ଆରାଧନା କରୁଅଛନ୍ତି, ସେମାନେ ଅଗ୍ନି ସହ କୌତୁକ କରୁଅଛନ୍ତି ।

**- Rick Cunningham**

❋❋❋

**Edited & Published by : Kabita & Joshua Gootam**

# THE DIMENSIONS OF GOD'S LOVE

**Ephesians 3 : 17-19**

**INTRODUCTION**

1. Love is the most powerful thing in the world.
2. Love is greater than faith and hope (1 Corinthians 13).
3. It was because of love that God sent his own Son to the world. (John 3:16).
4. Therefore God has commended his love toward us (Romans 5:8).
5. Love reaches out in every direction (Ephesians 3:17-19).

**DISCUSSION :**

**I. Breadth of God's Love**

1. Breadth means width, extent of, or the largeness of a thing.
2. God's love is so broad that it covers the whole world (John 3:16).

a. Christ laid down his life for us (John 15:13).

b. He shed his blood for us (Matthew 26:28).

3. God's love is great (Ephesians 2:4).
4. God is love (1 John 4:8).

a He may be described by love.

b. He acts by love.

c. The only way to think of him is by love

**II. Length of God's Love.**

1. It is from everlasting to everlasting (Jeremiah 31:3).
2. It reaches out of to the ends of the earth (Mark 16:15,16)
3. It is long suffering (2 peter 3 :9)

**III. Depth of God's Love.**

1. It reaches down to the lowest of sinners (Romans 5:8).
2. Christ laid down his life for the sinner. (John 10:17)
3. God's love will reach down into the grave to raise up the righteous unto everlasting life. (John 5:28,29).

**IV. Height of God's Love**

1. It is as high as heaven.
2. It reaches up to God.
3. The righteous shall dwell with God (Matthew 5:8).

CONCLUSION :

1. Love is powerful (2 Timothy 1:7).
2. The love of God for man does many things
   a. Provides salvation for him.
   b. Gives him hope
3. Man's love for God leads to many things.
   a. Obedience (John 14:15).
   b. Love of neighbor (Matthew 22:39).
   c. Love of enemy (Matthew 22:39).
   d. Love leads to work (1 Thessalonians 1:3).
   e. Love casts out fear (1 John 4 :18).
   f. Love brings everlasting consolation (2 Thessalonians 2:16).
4. Nothing can separate us from the love of God (Romans 8 : 35).
5. The love of God passeth all understanding (Esphesians 3 :19).

_ J.C. CHOATE

**_Printed Book Only_**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)